# ଜମୁଛି ବଞ୍ଚୋରେ ଶ୍ରୀରାମ ନବମୀ ଉତ୍ସବ; ୨ରେ ଉଦ୍‌ଯାପନୀ

ହାଟଡ଼ିହୀ,୨୯।୩(ସମିସ)

- ସାଂସ୍କୃତିକ ମଞ୍ଚରେ ବିଭିନ୍ନ ପ୍ରତିଭା ସମ୍ମାନିତ
- ଏକାଠି ହେଲେ ଲୋକପ୍ରତିନିଧି ଓ ପ୍ରଶାସନ



ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବଞ୍ଚୋରେ ଚତୁର୍ଦ୍ଦଶତମ ଶ୍ରୀରାମ ନବମୀ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ବଞ୍ଚୋ ସାଂସ୍କୃତିକ ମଞ୍ଚରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ହାଟଡିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟିର ପ୍ରାଣବନ୍ଧୁ ପାଢ଼ୀ, ଯୁବକବି ଅଶୋକ ପୁହାଣ, ଶିକ୍ଷାବିତ ସୁଧାଂଶୁ ରାଉତ ପ୍ରମୁଖ ଯୋଗଦେଇ ସାଂସ୍କୃତିକ ମଞ୍ଚକୁ ଉଦଘାଟନ କରି ଉତ୍ସବ ଓ ମହୋତ୍ସବ ଗାଁର ଏକତା ଓ ଭାଇଚାରା ବଜାୟ ରଖେ ବୋଲି ମତବ୍ୟକ୍ତ କରିଥିଲେ। ମନ୍ଦିର ମାଳିନୀ ବଞ୍ଚୋ ଗ୍ରାମ ଜିଲ୍ଲାର ଏକ ନିଆରା ଗ୍ରାମ, ଯେଉଁଠି ୧୨ମାସରେ ୧୩ପର୍ବ ପାଳିତ ହୋଇଥାଏ। ଏହା ଏକ ଭାଇଚାରାର ଗାଁ। ଏହାର ଐତିହ୍ୟ, ପରମ୍ପରା ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ମଞ୍ଚରେ ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଭଜନସନ୍ଧ୍ୟା ପରିବେଷଣ କରାଯାଇଥିଲା। ଆସନ୍ତା ୨ତାରିଖ ଯାଏଁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ରାଧାଗୋବିନ୍ଦ ଦାଶ, ଗିରିଧାରୀ ପଟ୍ଟନାୟକ, ଛବିନ୍ଦ୍ର ନାୟକ, ସନାତନ ଓଝା, ପ୍ରଶାନ୍ତ ପଟ୍ଟନାୟକ, ମାର୍କଣ୍ଡ ଚରଣ ଓଝା, ସୁଧାଂଶୁ ରାଉତ, ଗଙ୍ଗାଧର ବେହେରା, କୀର୍ତ୍ତନ ବିହାରୀ ନାୟକ, ଚିନ୍ତାମଣି ରାଉତ, ଭରତ ଚନ୍ଦ୍ର ରାଉତ, ମଧୁସୂଦନ ବେହେରା, ବୈରାଗୀ ପଟ୍ଟନାୟକ, ବିମଳ କିଶୋର ଜେନା, ହରେକୃଷ୍ଣ ମୁଦୁଲି, ସନ୍ତୋଷ ପଣ୍ଡା, ମୁକେଶ ରାଉତ, କୁଳମଣି ବେହେରା, ପ୍ରିୟବ୍ରତ ନାୟକ, ଜଗନ୍ନାଥ ଦାସ, କୋଦଣ୍ଡ ସାମଲ, ଶଶାଙ୍କ ଶେଖର ପୁହାଣ, ଶୁକଦେବ ରାଉତ, ଯୁଧିଷ୍ଠିର ରାଉତ, ପଞ୍ଚାନନ ପଟ୍ଟନାୟକ, ସତ୍ୟାନନ୍ଦ ବରାଳଙ୍କ ସମେତ ଅନେକ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ● ହଷ୍ଟେଲ ୱାର୍ଡେନଙ୍କୁ ହତ୍ୟା ଘଟଣା

# ୨ ଗିରଫ, ନାବାଳକ ଅଟକ

ବୈଶିଙ୍ଗା, ୨୯।୩ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟରେ ଥିବା ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘରୋଇ ବିଦ୍ୟାଳୟର ଅଧ୍ୟକ୍ଷା ଓ ହଷ୍ଟେଲ ୱାର୍ଡେନଙ୍କୁ ଗତ ୨୦ତାରିଖ ରାତି ପ୍ରାୟ ୧୦ଟା ସମୟରେ ମରଣାନ୍ତକ ଆକ୍ରମଣରେ ୱାର୍ଡେନ ମାନଗୋବିନ୍ଦପୁର ଉପକଣ୍ଠ ଧନାପାଳ ଗ୍ରାମର ସନ୍ୟାସୀ ଦାସଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଥିବାବେଳେ ଅଧ୍ୟକ୍ଷା କାଦମ୍ବିନୀ ରାଉତ ଗୁରୁତର ଆହତ ହୋଇଥିଲେ। ଉକ୍ତ ଘଟଣାର ଏକାଧିକ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଦୀର୍ଘ ୭ଦିନ ପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ ଟେର ପାଇ ନ ଥିଲା। ତେବେ ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ବିଳମ୍ବିତ ରାତିରେ ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଏସଆଇ ସରୋଜ ଜେନା, ଚିରଞ୍ଜୀବ ବେହେରା ଓ ରଣେନ୍ଦ୍ର ପ୍ରତାପ ସାମଲଙ୍କୁ ନେଇ ଏକ ଟିମ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଅଞ୍ଚଳରେ ଚଢ଼ଉ କରି ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ଆଜି ସେମାନଙ୍କୁ ଗିରଫ କରିଛି କରିବା ସହିତ ଜଣେ ନାବାଳକକୁ ଅଟକ ରଖିଛି ବୈଶିଙ୍ଗା ପୁଲିସ।

# ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



କୁଆମରା,୨୯।୩(ସମିସ): ଖୁଣ୍ଟା ଡିଗ୍ରୀ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ମାଛର ଜୀବ ବିଜ୍ଞାନ ଓ ଏହାର ପରିଚାଳନା, ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ଇପସିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ କଲେଜ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, କପ୍ତିପଦାସ୍ଥ ନୂଆସାହି ଡିଗ୍ରୀ କଲେଜ ଅଧ୍ୟାପକ ଡଃ ନିବାରଣ ଶତପଥୀ ସନ୍ଦର୍ଭ ଭିତ୍ତିକ ଗବେଷକ ଭାବେ ଯୋଗଦେଇ ମାଛ ଚାଷର ପ୍ରଣାଳୀ ସଂପର୍କରେ ବୁଝାଇଥିଲେ। ମାଛ ବଂଶ ହ୍ରାସ, ଉତ୍ପାଦନ, ଆବଶ୍ୟକତା ଓ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇକ୍ୟୁଏସିର ସଂଯୋଜକ ତପନ କୁମାର ବାରିକ ଯୋଗ ଦେଇ ଏ ଦିଗରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରଦର୍ଶିକା ନିରୋଦା ବାରିକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଛାତ୍ର ସ୍ମୃତିରଞ୍ଜନ ବେହେରା, ଛାତ୍ରୀ ଦୀପା ସିଂ, ଶ୍ରୀଲେଖା ମାଝୀ, ପ୍ରୀତିପ୍ରଜ୍ଞା କବାଟ, ଅଲିଭା ନାଏକ ଅଂଶଗ୍ରହଣ କରିଥିଲେ।

# ପ୍ରଫୁଲ୍ଲ ଚକ୍ରଙ୍କୁ 'ପ୍ରେମ ପୃଥିବୀ' କବିତା ସମ୍ମାନ

ଆନନ୍ଦପୁର, ୨୯।୩ (ସମିସ): ଅଗ୍ରଣୀ ସାହିତ୍ୟାନୁଷ୍ଠାନ କୈଳାସ ପଣ୍ଡାଙ୍କ ପ୍ରେମପୃଥିବୀ ପରିବାରର ତ୍ରୟୋଦଶ ବାର୍ଷିକ ଉତ୍ସବ, ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବରେ ଆନନ୍ଦପୁରର ବିଶିଷ୍ଟ ମହାନ୍ତି, କବି ନିରାକାର ଦାସ, କବି କିଶୋର ମିଶ୍ର, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଡ.କବିତା ବାରିକ ଓ ଅନୁଷ୍ଠାନର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ କବି ପ୍ରଫୁଲ୍ଲ ଚକ୍ରଙ୍କୁ ତାଙ୍କର



କବି ପ୍ରଫୁଲ୍ଲ ଚକ୍ରଙ୍କୁ ପ୍ରେମପୃଥିବୀ କବିତା ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଓଡ଼ିଶାର ଅନ୍ୟତମ ବିଶିଷ୍ଟ କବି ଡ.ଫନୀ ସାମଗ୍ରିକ କୃତି ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏ ସମ୍ମାନ ପାଇବା ପରେ ଆନନ୍ଦପୁର ଉପଖଣ୍ଡର ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ କବି ପ୍ରଫୁଲ୍ଲ ଚକ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜଗନ୍ନାଥପୁର ନାମଯଜ୍ଞରେ ୨୦ ସଂକୀର୍ତ୍ତନ ମଣ୍ଡଳୀ



ଆନନ୍ଦପୁର,୨୯।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦେଇ ଆଶିଷ ଲାଭ କରିଥିଲେ। ଗ୍ରାମବାସୀ ଏକ କମ୍ୟୁନିଟି ସେଣ୍ଟର ଏବଂ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦାବି କରିଥିବା ବେଳେ ଯଥାସମ୍ଭବ ସହଯୋଗ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞରେ ପ୍ରାୟ ୨୦ଟି ସଂକୀର୍ତ୍ତନ ମେଳ ସାମିଲ ହୋଇଥିଲେ। ସଂକୀର୍ତ୍ତନ ମେଳକୁ ଅଷ୍ଟ ପ୍ରହରୀ କମିଟି ପକ୍ଷରୁ ସ୍ୱାଗତ କରିବା ସହ ସେମାନଙ୍କର ସମସ୍ତ ବ୍ୟବସ୍ଥା କରିଥିଲେ। କୁଶେଇ ନଦୀରୁ କଳସ ଆସିବା ପରେ ଘଟ ସ୍ଥାପନ ସ୍ଥାପନ ହୋଇଥିଲା। ପରେ ବାବା ଆଦିତ୍ୟ ଦାଶଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାମ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ରବିବାର ଅପରାହ୍ନରେ ପ୍ରଭୁ ନିତାଇ ଗୌରଙ୍କୁ ବୈକୁଣ୍ଠ ଜେନା, କୁଳମଣି ଜେନା ଗ୍ରାମ ପରିକ୍ରମା କରିଥିଲେ। ସଂଧ୍ୟାରେ ଯଜ୍ଞ ଶେଷ କରିବା ପରେ ପୂର୍ଣ୍ଣାହୁତି ସହ ଦଧି ହାଣ୍ଡି ଭଙ୍ଗା ଯାଇଥିଲା। ସମସ୍ତ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅଷ୍ଟପ୍ରହରୀ କମିଟିର ସଦସ୍ୟ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବିଶ୍ୱଜିତଙ୍କୁ ବିରଜାଶ୍ରୀ ସମ୍ମାନ



ହାଟଡ଼ିହୀ,୨୯।୩(ସମିସ): ହାଟଡିହୀ ବ୍ଲକ୍ ଇଞ୍ଚୋଳ ଗ୍ରାମର ଯୁବକବି ତଥା ଗାଳ୍ପିକ ବିଶ୍ୱଜିତ୍ ରାଉତଙ୍କୁ ବିରଜାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ବିରଜା କ୍ଷେତ୍ର ଯାଜପୁର ଜିଲ୍ଲାର ବିରଜାକୃପା ସାହିତ୍ୟ ପରିବାର ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼ଃ ଜ୍ଞାନରଞ୍ଜନ ପତି, ସମ୍ମାନିତ ଅତିଥିଭାବେ ଡ଼ଃ ଅନିଲ କୁମାର ଦାସ, ମୁଖ୍ୟବକ୍ତା ଭାବେ ଇଂ. ଅଭୟ କୁମାର ସୁତାର, ସମ୍ମାନିତ ବକ୍ତା ଭାବେ ସୁବ୍ରତ କୁମାର ଦାସ, ସଭାପତି ବିଦ୍ୟୁତପ୍ରଭା ମିଶ୍ର, ସମ୍ପାଦକ ବୈଦ୍ୟନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମରପୀତାମ୍ବରଓମନୋରମାରାଉତଙ୍କପୁତ୍ରବିଶ୍ୱଜିତ୍‌ଜଣେଯୁବକବି, ଗାଳ୍ପିକ ଭାବେ ସାରା ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିବା ସହ ବେଶ୍ ସୁନାମ ଅର୍ଜନ କରିଛନ୍ତି।

# ମହିଳା କଲେଜରେ ଇଗ୍ନୋ ବିଇଏଡ୍ ପରୀକ୍ଷା



ରାଇରଙ୍ଗପୁର,୨୯।୩(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଇଗ୍ନୋ ବିଇଏଡ ପରୀକ୍ଷା ସଫଳତାର ସହ ଆୟୋଜିତ ହୋଇଯାଇଛି। କର୍ତ୍ତୃପକ୍ଷ ପରୀକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ। ଏହି ପ୍ରଥମ ବର୍ଷ ପରୀକ୍ଷାରେ କେନ୍ଦ୍ର ହୋଇଥିବାବେଳେ ୩୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ବଂଶୀଧର ବାରିକ, ଅଧ୍ୟକ୍ଷ ବିଜୟ କୁମାର ରାମ, ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷାର ସଫଳ ଆୟୋଜନ କରାଯାଇଥିଲା।

# ଶାଳବଣି ନବୋଦୟ ବିଦ୍ୟାଳୟରେ ବାଘୁଣୀ ଖଇରୀର ତିରୋଧାନ ଦିବସ




ବେତନଟୀ, ୨୯।୩(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଶାଳବଣି ପଞ୍ଚାୟତରେ ଥିବା ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଶିମିଳିପାଳର ବିଶ୍ୱବିଖ୍ୟାତ ବାଘୁଣୀ ଖଇରୀର ୪୬ତମ ତିରୋଧାନ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନ କବି ସଙ୍ଗମର ସଭାପତି ଆସୁ କବି ବାସୁଦେବ ନାପିତ ଯୋଗଦାନ କରି ଖଇରୀ ଏକ ବାଘୁଣୀ ହୋଇ ମଧ୍ୟ ମନୁଷ୍ୟଙ୍କ ସୁରକ୍ଷା କବଚ ଥିଲା ବୋଲି କହିଥିଲେ। ଅଧ୍ୟକ୍ଷୀୟ ବକ୍ତବ୍ୟ ପ୍ରଦାନ କରି ସୁବାସ ଚନ୍ଦ୍ର ତିୱାରୀ କହିଲେ, ଶିମିଳିପାଳ ଯେପରି କଳା ବାଘ ପାଇଁ ବିଶ୍ୱ ବିଖ୍ୟାତ, ଠିକ୍ ସେହିପରି ମଧ୍ୟପ୍ରଦେଶର ସତନା ଜିଲ୍ଲାର ମୁକୁନ୍ଦପୁରରେ ଥିବା ଧଳାବାଘ ସଫାରୀ ବିଶ୍ୱ ବିଶ୍ୱ ବିଖ୍ୟାତ। ବାନ୍ଧୋ ବ୍ୟାଘ୍ର ପ୍ରକଳ୍ପରେ ଥିବା ବାଘ ସମଗ୍ର ବିଶ୍ୱରେ ଚର୍ଚ୍ଚିତ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କେଶବ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏ ଅବସରରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଓ ସ୍ୱେଚ୍ଛାସେବୀ ଦାମୋଦର ମହାନ୍ତଙ୍କ ସହଯୋଗରେ ଶିମିଳିପାଳ ଇକୋ ଫ୍ରେଣ୍ଡସ ପକ୍ଷରୁ ପ୍ରସ୍ତୁତ ସ୍ମୃତିରେ ଖଇରୀକୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକର ୫୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଖଇରୀ ସ୍ମୃତି ପ୍ରତି ଶ୍ରଦ୍ଧା ଅର୍ପଣ କରିବା ସହିତ ପ୍ରକୃତି, ପରିବେଶର ସୁରକ୍ଷା ଓ ବିକାଶ ପାଇଁ ଶପଥ ପାଠ କରିଥିଲେ। ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ବାରିପଦା, ୨୯।୩(ସମିସ): ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ପ୍ରେମଲତା ବାରିକଙ୍କ ଆତ୍ମାର ସଦଗତି ପାଇଁ ସମସ୍ତେ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧୁବନ ହୁଡ୍‌କୋ କଲୋନୀ ନିବାସୀ ପ୍ରେମଲତା ବାରିକ ଦୀର୍ଘ ୪୨ ବର୍ଷ ଶିକ୍ଷକତା କରି ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସର ପରେ ମୟୂରଭଞ୍ଜ ବରିଷ୍ଠ ନାଗରି ମଞ୍ଚର ସକ୍ରିୟ ସଦସ୍ୟା, ଓଡିଶା ରାଜ୍ୟ ହିନ୍ଦୀ ପ୍ରଚାର ସମିତିର ସଦସ୍ୟା ଭାବେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ନିୟୋଜିତ ଥିଲେ। ୨ ମିନଟ ନିରବ ପ୍ରାର୍ଥନା ପରେ ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସ, ଉପସଭାପତି ଡ ସୁଶାନ୍ତ ପାତ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ପ୍ରଭାତ ମଞ୍ଜରୀ ଦାଶଶର୍ମା, ଉର୍ମିଳା କମିଳା, ରତ୍ନମଣୀ ବେହେରା, ବାସନ୍ତୀ ମହାପାତ୍ର, ବାସନ୍ତୀ ବେହେରା, ସଭନା ଆଚାର୍ଯ୍ୟ, ସୁଧାମୟୀ ଦାସ ପ୍ରମୁଖ ସଦସ୍ୟସଦସ୍ୟା ପ୍ରେମଲତାଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଶୁଳିଆପଦା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ଶୁଳିଆପଦା,୨୯।୩(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ମୋରଡା ବିଧାୟକ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବି.ବି କଲେଜ, ବାଇଗଣବାଡିଆର ଅଧ୍ୟକ୍ଷ ଡଃ ଜେଏନଏସଡି ସଚେନ୍‌ଙ୍କ ସମେତ ସେବା ନିବୃତ୍ତ ସୈନିକ ବିକର୍ତ୍ତନ ନାଏକ, କଲେଜର ପ୍ରତିଷ୍ଠାତା ସଦସ୍ୟ ତଥା କଲେଜର ମୁଖ୍ୟ କିରାଣି ଶରତ ଚନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିବାବେଳେ ପ୍ରାଧ୍ୟାପକ ରାଜେନ୍ଦ୍ର ନାରାୟଣ ସିଂବାବୁ ମଞ୍ଚ ପରିଚାଳନା କରିଥିଲେ। ମନ୍ତ୍ରୀ ଗ୍ରନ୍ଥାଗାର, ବଗିଚା ସହିତ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# କନକ ଦୁର୍ଗାଙ୍କ ପୀଠରେ ବାର୍ଷିକ ଯଜ୍ଞ

କୁଆମରା,୨୯।୩(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ମା' କନକ ଦୁର୍ଗାଙ୍କ ପୀଠରେ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପୋଖରୀରୁ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ପହଞ୍ଚିଥିଲା। ତିନିଦିନ ଧରି ଠାକୁରଙ୍କ ପୂଜା ପାଠ ଓ ଯଜ୍ଞ କାର୍ଯ୍ୟ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। କର୍ତ୍ତା ଭାବେ ମହେଶ୍ୱର ଭଞ୍ଜବାବୁ, ଗୋପାଳ ଶର୍ମା ଓ ମହେନ୍ଦ୍ର ସାହୁ କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପନ୍ନ ହୋଇଛି। ଜ୍ଞାନରଞ୍ଜନ ମହାନ୍ତି, ସୁଦର୍ଶନ ବେହେରା, ପ୍ରେମଲତା ବେହେରା, ପ୍ରଫୁଲ୍ଲ ସିଂ, କାର୍ତ୍ତିକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ହୋ ଭାଷା 'ୱାରାଂଚିତି' ଲିପି ପରୀକ୍ଷା

# ୪୭ଟି ପରୀକ୍ଷା କେନ୍ଦ୍ରରେ ୨୨୮୬ ପରୀକ୍ଷାର୍ଥୀ

ଶରତ/ଠାକୁରମୁଣ୍ଡା/ମହୁଲଡିହା,୨୯।୩(ସମିସ)

ବୀର ବିର୍ସାମୁଣ୍ଡା ଟ୍ରଷ୍ଟ ଓଡ଼ିଶା ଓ ଟାଟା ଷ୍ଟିଲ ଫାଉଣ୍ଡେସନ ମିଳିତ ଉଦ୍ୟମରେ ଓଡିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାର ୪୭ଟି ପରୀକ୍ଷା କେନ୍ଦ୍ରରେ ୨୨୮୬ ଛାତ୍ରଛାତ୍ରୀ ୱାରାଂଚିତି ପରୀକ୍ଷା ଦେଇଛନ୍ତି। ହୋ ଭାଷାର ୱାରାଂଚିତି ଲିପିର ପ୍ରଚାର ପ୍ରସାର, ଆଦିବାସୀ ସଂସ୍କୃତି, ପରମ୍ପରା ଜୀବିତ ରଖିବା ଉଦ୍ଦେଶ୍ୟରେ ହୋ ସମାଜର ଶିକ୍ଷିତ ଯୁବକଯୁବତୀ ଆଜି ଶିକ୍ଷାବର୍ଷ ୨୦୨୫-୨୬ର ବାର୍ଷିକ ପରୀକ୍ଷା ଦେଇଥିଲେ। ଏଥିରେ ପ୍ରାଥମିକ ପାଠ୍ୟକ୍ରମରେ ୧୪୧୨ ଜଣ, ବେସିକ(ମୌଳିକ) ପାଠ୍ୟକ୍ରମରେ ୬୪୦ ଜଣ, ଆଡ଼ଭାନ୍ସ (ଉଚ୍ଚତର) ପାଠ୍ୟକ୍ରମରେ ୨୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ହୋ ଛାତ୍ର ସଂଘ ଓଡିଶା ପ୍ରତିଷ୍ଠିତା ବାଗୁନ ସିଂ ଜାରିକା, ବୀର ବିର୍ସା ମୁଣ୍ଡ ଟ୍ରଷ୍ଟର ଡାଇରେକ୍ଟର କ୍ଷୀରୋଦ କୁମାର ହେମ୍ବ୍ରମ, ମ୍ୟାନେଜିଂ ଟ୍ରଷ୍ଟି ଗଣେଶ୍ୱର ଗାଗାରାଇ, ଏକଜିକ୍ୟୁଟିଭ ଟ୍ରଷ୍ଟି ଗୌରାଙ୍ଗ ବାନ୍ଦିଆ, ତୁରତୁଙ୍ଗ ପ୍ରକଳ୍ପ କରଞ୍ଜିଆ ଡିଭିଜନ ସଂଯୋଜକ ଅଜିତ ବୋଦରା, ଉଦଳା ଡିଭିଜନ ସଂଯୋଜକ ରାଜଦ୍ୱ କୁମାର ସିଂ, ଖୋର୍ଦ୍ଧା ଡିଭିଜନର କୁନା କଣ୍ଡେୟଂ, ସୁନ୍ଦରଗଡ଼ ଡିଭିଜନ ଦିଲ୍ଲୀପ ପୂର୍ତ୍ତି , ରାଇରଙ୍ଗପୁର ଡିଭିଜନ ବଳରାମ ପୂର୍ତ୍ତି, ବିଶୋଇ ଡିଭିଜନ ପୂଜା ଗୋଡ଼ସରା, ବାରିପଦା ଡିଭିଜନ ହୀରାମଣି ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହିତ ଶେଷ ହୋଇଛି।



## ରାଇରଙ୍ଗପୁରରେ ମାତିଛନ୍ତି ଜମି ମାଫିଆ

# ମିଛ ଜମି ପଟ୍ଟା ଦେଖାଇ ବିକ୍ରି କରୁଛନ୍ତି ସରକାରୀ ଜମି

ରାଇରଙ୍ଗପୁର, ୨୯।୩(ସମିସ)

ରାଇରଙ୍ଗପୁର ବିକାଶ ନିମନ୍ତେ ବିଭିନ୍ନ ସରକାରୀ ପ୍ରକଳ୍ପ ରହିଛି। ଯାହାକୁ ନେଇ ରାଇରଙ୍ଗପୁର ସହର ପରିବ୍ୟାପ୍ତ ହେବାରେ ଲାଗିଛି। ଅନେକ ଲୋକ ରାଇରଙ୍ଗପୁର ଅଞ୍ଚଳରେ ଜମି କ୍ରୟ କରି ଘର କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେବେ ଜମି ମାଫିଆ ଏହାର ସୁଯୋଗ ନେଉଛନ୍ତି। ନିରୀହ ଲୋକଙ୍କୁ ଠକେଇ କରି ତାଙ୍କ କଷ୍ଟ ଅର୍ଜିତ ଧନ ନେଇ ଯାଉଛନ୍ତି। ସରକାରୀ

- କାରବାରରେ ସମ୍ପୃକ୍ତ ଅଛନ୍ତି ଲାଞ୍ଚୁଆ ସରକାରୀ କର୍ମଚାରୀ
- ପୂର୍ବରୁ ଥାନାରେ ରହିଛି ଅଭିଯୋଗ

ଜମିକୁ ବ୍ୟକ୍ତିଗତ ଜମି ଦର୍ଶାଇ ମିଛ ଜମି ପଟ୍ଟା ଦେଖାଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ନିରୀହ ଲୋକେ ଜମି ମାଫିଆଙ୍କ କଥାରେ ପଡ଼ି ସରକାରୀ ଜମିକୁ କିଣି ନେଉଛନ୍ତି। ଯାହାକୁ ନେଇ ପୂର୍ବରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଜମି ମାଫିଆଙ୍କ ପାଇଁ ତହସିଲ କାର୍ଯ୍ୟାଳୟର ଲାଞ୍ଚୁଆ କର୍ମଚାରୀ ହାତବାରିସି ସାଜିଛନ୍ତି। ସେମାନଙ୍କ ସହାୟତାରେ ଲୋକଙ୍କୁ ଅତି ସହଜରେ ଠକେଇ କରୁଛନ୍ତି। ତିରିଂ ଥାନା ଅଞ୍ଚଳର ସୋନାମଣି ମୁର୍ମୁ ଓ ଭାଗୀରଥି ମାର୍ଣ୍ଡି ନାମକ ଦୁଇ ଜଣକ




ଠକେଇ ଶିକାର ନେଇ ପୂର୍ବରୁ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଉଭୟ ରାଇରଙ୍ଗପୁର ସହରରେ ଜମି କିଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଯାହାକୁ ନେଇ କଣ୍ଡାବଣି ଗ୍ରାମର ଅଶୋକ କୁମାର ମହାନ୍ତଙ୍କଠାରୁ ୨୦୨୧ରେ ଜମି କିଣିଥିଲେ। ସରକାରୀ ଜମିକୁ ନିଜର ଖତିୟାନ ଜମି ବୋଲି ମିଛ କହି ବିକ୍ରି କରିଥିଲେ। ଏ ବାବଦରେ ୪, ୪୦, ୦୦୦ ଟଙ୍କା ଓ ୫, ୯୫, ୦୦୦ ଟଙ୍କା ନେଇଥିଲେ। ପରେ ସରକାରୀ ଜମିରେ ତାଙ୍କୁ ଦଖଲ ମଧ୍ୟ ଦେଇଥିଲେ। କିନ୍ତୁ ୨୦୨୫ ଜାନୁଆରୀ ୨୧ ତାରିଖରେ ରାଇରଙ୍ଗପୁର ତହସିଲ୍ ପକ୍ଷରୁ ଏକ ଖେଳ ପଡ଼ିଆ ନିର୍ମାଣ ନିମନ୍ତେ ଉକ୍ତ ଜମି ବ୍ୟବହାର ହେବ। ତେଣୁ ଖାଲି କରିବାକୁ କହିଥିଲେ। ଏହାପରେ ଉଭୟ ଉକ୍ତ ଜମିଟି ସରକାରୀ ବୋଲି ଜାଣିବାକୁ ପାଇଥିଲେ। ଜମି ଠକେଇ ନେଇ ଉଭୟ ଅଶୋକ କୁମାର ମହାନ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

ସେହିପରି ଜାମଦା ଥାନା ଅନ୍ତର୍ଗତ ଭାଦୁସାହି ଗ୍ରାମର ଜମ୍ବିରା ବାସ୍କେ ଠକେଇ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ କଣ୍ଡାବଣି ଗ୍ରାମର ଆଶୋକ କୁମାର ମହାନ୍ତଙ୍କଠାରୁ ୨୦୨୨ରେ ଜମି କିଣିଥିଲେ। ସରକାରୀ ଜମିକୁ ନିଜର ଖତିୟାନ ଜମି ବୋଲି ମିଛ କହି ବିକ୍ରି କରିଥିଲେ। ଏ ବାବଦରେ ସେ ତାଙ୍କୁ ୭ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପରେ ସରକାରୀ ଜମିରେ ତାଙ୍କୁ ଦଖଲ ମଧ୍ୟ ଦେଇଥିଲେ। କିନ୍ତୁ ରାଇରଙ୍ଗପୁର ତହସିଲ ପକ୍ଷରୁ ଉକ୍ତ ସ୍ଥାନରେ ନିର୍ମାଣ ନିମନ୍ତେ ଜମି ବ୍ୟବହାର ହେବ। ତେଣୁ ଖାଲି କରିବାକୁ କହିଥିଲେ। ଉକ୍ତ ଜମିଟି ସରକାରୀ ବୋଲି ଜାଣିବାକୁ ପାଇଥିଲେ। ଜମି ଠକେଇ ନେଇ ଅଶୋକ କୁମାର ମହାନ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଜମି ଠକେଇର ଶିକାର ନେଇ ପୂର୍ବରୁ ଅଭିଯୋଗ ଥିବାବେଳେ ବର୍ତ୍ତମାନ ମଧ୍ୟ ମାଫିଆଙ୍କ ପ୍ରାଦୁର୍ଭାବ ଜାରି ରହିଛି। ତହସିଲ କର୍ମଚାରୀ ମାଫିଆଙ୍କ ସହ ଜଡିତ ହୋଇ ସରକାରୀ ଜମି ତଥ୍ୟ ଓ ଦଖଲ ଦେବାରେ ସହାୟକ ହେଉଛନ୍ତି। ଲୋକେ ବି ଜମି କିଣିବା ପୂର୍ବରୁ ଖତିଆନ, ରେକର୍ଡ ଓ ଜମିର ସ୍ଥିତି ଯାଞ୍ଚ ନ କରି କ୍ରୟ କରୁଛନ୍ତି। କିଣିବା ପରେ ଠକେଇ ଶିକାର ହେଉଛନ୍ତି।

ରାଇରଙ୍ଗପୁର ଅଞ୍ଚଳରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ବେଳେ ଏପରି ଅନେକ ଘଟଣା ସମ୍ମୁଖକୁ ଆସିଥିଲା। ତେବେ ତହସିଲଦାରଙ୍କ ବଦଳି ନିର୍ଦ୍ଦେଶ ହୋଇଥିବାବେଳେ ବଦଳି ପରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏ ନେଇ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କୁ ପଚାରିବାରୁ ସେ ଘଟଣା ବାବଦରେ ଜ୍ଞାତ ଥିବା କହିଛନ୍ତି। କିଛି ଅସାଧୁ କର୍ମଚାରୀ ଓ ବ୍ୟକ୍ତିବିଶେଷ ସହାୟତରେ ଜମି ମାଫିଆ ଉପଦ୍ରବ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକ ଅଟେ ବୋଲି ସାଧାରଣରେ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ରାସଗୋବିନ୍ଦପୁର, ୨୯।୩(ସମିସ):** ସ୍ଥାନୀୟ ଉପେନ୍ଦ୍ର ନାଥ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏନଏସ୍‌ଏସ୍ ବ୍ୟୁରୋ ପ୍ରାୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରମୋଦ କୁମାର ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ ଉଦ୍‌ଯାପନ ଘୋଷଣା କରିଥିଲେ। ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗାରିମାମୟ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷଣୀୟ ଅଧିବେଶନର ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଉଷା ଶତପଥୀ, ସୁଲେଖକ ଡକ୍ଟର ସତ୍ୟସୁନ୍ଦର ସାମନ୍ତ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାଲେଶ୍ୱର ଗୌରାଙ୍ଗ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ, ଡକ୍ଟର ସଞ୍ଜୀବ ନାୟକ, ଯଶିପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁଜିତ ପାତ୍ର, ଅଧ୍ୟାପକ ଡକ୍ଟର ଅବନୀକାନ୍ତ ଗିରି, ସହିଦ ମେମୋରିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଭୋଇ, ଡକ୍ଟର ସୁଧୀର ମୁଦୁଲି, ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ରଙ୍ଗାମାଟିଆର ପ୍ରତିଷ୍ଠାତା ଡକ୍ଟର ଆଦିତ୍ୟ ପଟ୍ଟନାୟକ, ଅଧ୍ୟାପକ ରମ୍ୟରଞ୍ଜନ ବେହେରା, ୟୁଟ୍ୟୁବର କୁମରେଶ ନାୟକ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ବାରିପଦା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂ, ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକର୍ତ୍ତା ଅଜୟ କୁମାର ବଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅରୋ ପ୍ରସାଦ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଛେଳି ଚୋରି କରି ଚମ୍ପଟ ମାରୁଥିଲେ ଦୁର୍ବୃତ୍ତ, ଦୁର୍ଘଟଣାଗ୍ରସ୍ତ ହେଲା କାର୍

**ରାଇରଙ୍ଗପୁର, ୨୯।୩(ସମିସ):** ଦୁର୍ବୃତ୍ତମାନେ ଛେଳି ଚୋରି କରି ଚମ୍ପଟ ମାରୁବା ବେଳେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାଘାଟି ଅଞ୍ଚଳରେ ଏ ଘଟଣା ଘଟିଛି। କୌଣସି ସ୍ଥାନରୁ ଦୁର୍ବୃତ୍ତମାନେ ଛେଳି ଚୋରି କରି ନେଉଥିଲେ। ରବିବାର ଭୋର ସମୟରେ କାର୍‌ରେ ଛେଳି ନେଇ ଦ୍ରୁତଗତିରେ ଯାଉଥିଲେ। ଭାରସାମ୍ୟ ହରାଇ ପୁରୁଣାଘାଟି ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ଘଟାଇବା ପରେ ଦୁର୍ବୃତ୍ତ କ୍ଷତିଗ୍ରସ୍ତ କାରକୁ ଛାଡ଼ି ଚମ୍ପଟ ମାରିଥିଲେ। ଖବର ପାଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛି। କାର୍ ମଧ୍ୟରୁ ଚୋରି ଛେଳି ଓ କାର୍‌କୁ ଜବତ କରି ତଦନ୍ତ ଜାରି ରଖିଛି।



## ଚାରିଧାମ ମୋକ୍ଷ ଦୌଡ଼ ପ୍ରତିଯୋଗିତାରେ ବନୀତା ପ୍ରଥମ

**ମହୁଲଡିହା, ୨୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ନିଶାପୋଷିସ୍ଥ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସବୁବେଳେ ବିଭିନ୍ନ ପ୍ରତିଯୋଗିତାରେ ବ୍ଲକରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଭାଗ ନେଇ ବିଦ୍ୟାଳୟକୁ ଗର୍ବିତ କରିଛନ୍ତି। ୨୯ ତାରିଖ ଜଗନ୍ନାଥ ଧାମ ପୁରୀଠାରେ ଅନୁଷ୍ଠିତ ଚାରି ଧାମ ୫ କିମି ମୋକ୍ଷ ଦୌଡ଼ ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ଛାତ୍ରୀ ପ୍ରଥମ ହୋଇଥିବା ଜଣାପଡ଼ିଛି। ୧୬ ବର୍ଷରୁ କମ୍ ବାଳିକା ବିଭାଗରେ ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ବନୀତା ମହନ୍ତ ଏହି ମାରାଥନ୍ ଦୌଡ଼ରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବନୀତା ତରମାରା ପଞ୍ଚାୟତ ତାରମରା ଗ୍ରାମର ରାଇଦାସ ମହନ୍ତଙ୍କ ଝିଅ। ସେ ବିଦ୍ୟାଳୟରେ ସୁନାମର ଆଉଏକ ଫର୍ଦ୍ଦ ଯୋଡ଼ିଥିବାରୁ ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତଙ୍କ ସହିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ପ୍ରତିଯୋଗୀଙ୍କୁ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।




## ରାଇରଙ୍ଗପୁର ଓ କରଞ୍ଜିଆ ଉପଜିଲ୍ଲାପାଳ ନିଯୁକ୍ତ

**ରାଇରଙ୍ଗପୁର/କରଞ୍ଜିଆ, ୨୯।୩(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ରାଇରଙ୍ଗପୁର ଓ କରଞ୍ଜିଆ ଉପଜିଲ୍ଲାପାଳ ନିଯୁକ୍ତ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଘାସିରାମ ମୁର୍ମୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ରାଇରଙ୍ଗପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ବଦଳି ହୋଇଥିବା ଅଧିକାରୀଙ୍କୁ ରବିବାର ଅପରାହ୍ନଠାରୁ ଉକ୍ତ କାର୍ଯ୍ୟସ୍ଥଳର ଦାୟିତ୍ୱରୁ ମୁକ୍ତ କରିବା ସହ ତୁରନ୍ତ ବଦଳି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

## ଶ୍ରୀଶ୍ରୀ ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**କପ୍ତିପଦା, ୨୯।୩ (ସମିସ):** ଝିଙ୍କେଶ୍ୱର ଶୈବ ପୀଠ ନିକଟରେ ଶ୍ରୀଶ୍ରୀ ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ୨୫ ତାରିଖରେ ଅଧିବାସ ଓ ଯଜ୍ଞାଧିବାସ ଆରମ୍ଭ ହୋଇ ୨୬ ତାରିଖରେ ସୋନନଦୀ ଜଗନ୍ନାଥ ଘାଟରୁ ଘଟଉତ୍ତୋଳନ କରାଯାଇ ଏକ ବିରାଟ ପଟୁଆରରେ କପ୍ତିପଦା ବଜାର ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇ ଅଗ୍ନି ସ୍ଥାପନ କରାଯାଇଥିଲା। ୨୭ ତାରିଖରେ ଶନିଦେବଙ୍କ ମହାସ୍ନାନ ଓ ଯଜ୍ଞ କାର୍ଯ୍ୟ ହୋଇଥିଲା। ୨୮ ତାରିଖ ଶନିବାର ଦିନ ଶନିଦେବଙ୍କ ସିଂହାସନ ବିଜେ, ସିଂହାର ବେଶ, ତାମ୍ରପତ୍ର ଦାନ, ପ୍ରଥମ ଦର୍ଶନ ଓ ଆଳତି ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଗୋପୂଜା, ସୂର୍ଯ୍ୟପୂଜା ଓ ବାବା ଝିଙ୍କେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ, ଭକ୍ତଙ୍କ ଦ୍ୱାରା ଶନିଦେବଙ୍କ ପ୍ରଥମ ପୂଜାର୍ଚ୍ଚନା ହେବ। ସନ୍ଧ୍ୟା ୫ ଘଣ୍ଟା ସମୟରେ ସନ୍ଧ୍ୟା ଆରତି ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହେବ। ଓଡ଼ିଶାର ବିଭିନ୍ନ ଅଞ୍ଚଳର ବେଦଜ୍ଞ ପଣ୍ଡିତ ତଥା କର୍ମକାଣ୍ଡବିତଙ୍କ ଦ୍ୱାରା ଶନିଦେବଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା।

## ଓଷାଡ଼ଲା ଗ୍ରାମରେ ହୋ ସମାଜର ବାଆ ପରବ

# ପାରମ୍ପରିକ ନାଚ, ଗୀତରେ ଦୁଲୁକିଲା ଗାଁ ପଡ଼ିଆ



**ବିଶୋଇ, ୨୯।୩ (ସମିସ):** ଶିମିଳିପାଳ ହେମାଲବୁରୁ ଓଷାଡ଼ଲା ସେପେଡ଼ ହାପାନୁମକ ଆନୁକୂଲ୍ୟରେ ବିଶୋଇ ବ୍ଲକ ବାଉତିବେଡ଼ା ପଞ୍ଚାୟତସ୍ଥ ଓଷାଡ଼ଲା ଗ୍ରାମରେ ତୃତୀୟ ବାର୍ଷିକୀ ବାଆ ପରବ ପାଳିତ ହୋଇଯାଇଛି। ଏଥିରେ ହୋ ସମ୍ପ୍ରଦାୟର ୧୫ଟି ନୃତ୍ୟଗୀତ ଦଳ ଅଂଶଗ୍ରହଣ କରି ହୋ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟଗୀତ ହୋ ସୁସୁନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଏସଏନଏଲ ଅଧିକାରୀ କୁଞ୍ଜବିହାରୀ ପୂର୍ତ୍ତି, ଅଲ ଓଡ଼ିଶା ରେଡ଼ିଓ ଷ୍ଟେସନ ମୁଖ୍ୟ ଲକ୍ଷ୍ମଣ ପାଳେୟା, ବୀରସିଂ ସାମାଡ଼ ପ୍ରମୁଖ ଯୋଗଦେଇ ବାଆ ପରବ୍ ପାଳନର ଉଦ୍ଦେଶ୍ୟ ଓ ହୋ ସମାଜର ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଶୁକ୍ରବାର ସନ୍ଧ୍ୟା ୫ଟାରୁ ହୋ ସୁସୁନ ଆରମ୍ଭ ହୋଇ ଶନିବାର ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ନୃତ୍ୟ, ଗୀତ ଚାଲିଥିଲା। ଏହି ନୃତ୍ୟ, ଗୀତରେ ଓଷାଡ଼ଲା ଗ୍ରାମ ସମେତ ନିକଟସ୍ଥ ବହୁ ଗ୍ରାମ ହୋ ସମ୍ପ୍ରଦାୟର ଶତାଧିକ ଲୋକେ ଏକତ୍ରିତ ହୋଇ ପାରମ୍ପରିକ ନୃତ୍ୟ, ଗୀତରେ ଝୁମିଥିଲେ। ଏହି ପ୍ରତିଯୋଗିତାରେ ହୋ ସମାଜ ବାଆ ସୁସୁନ ବାଦଗାଁ ପ୍ରଥମ ହୋଇ ୧୦ ହଜାର ଟଙ୍କା, ଜେଏସ୍‌ସି ରାଇକଲକଟା ଦ୍ୱିତୀୟ ସ୍ଥାନ ଅଧିକାର କରି ୮ ହଜାର ଟଙ୍କା, ରୁ ତାଲେ ଉଲେଟ କାଚାଲ ସୁସୁନ ତାଲେ ଦିମାକ୍ ଖାରାପ ତୃତୀୟ ସ୍ଥାନ ଅଧିକାର କରି ୬ ହଜାର ଟଙ୍କା, ରାଙ୍ଗସା ରମଜ ବାଆ ସୁସୁନ ଖଡ଼ିଆଶଳ ଚତୁର୍ଥ ସ୍ଥାନ ଅଧିକାର କରି ୪୦୦୦ ଟଙ୍କା, ହାରିଆଳ ହାତାନା ବେଡ଼ା ପଞ୍ଚମ ସ୍ଥାନରେ ରହି ୩ ହଜାର ଟଙ୍କା, ଶିମିଳିପାଳ କଲାନ ଟାଇଗର ମାଟିଆଳି ଷଷ୍ଠ ସ୍ଥାନ ଅଧିକାର କରି ୨ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଆୟୋଜକ କମିଟିର ସଭାପତି ରାଜୀନ ମୁଦୁୟା, ଉପସଭାପତି ରାଜକୁମାର ହାଁସଦା, ସମ୍ପାଦକ ମଙ୍ଗଲ ନାଏକ ଓ ସହସମ୍ପାଦକ ରାଜମାଲ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଆଲୋଚନାଚକ୍ର

**ବାରିପଦା, ୨୯।୩(ସମିସ):** ସ୍ଥାନୀୟ ବାରିପଦା ଡିଗ୍ରୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ 'ଭାରତର ଉଚ୍ଚଶିକ୍ଷା: ନୀତି, ଚ୍ୟାଲେଞ୍ଜ ଓ ସୁଯୋଗ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉଚ୍ଚଶିକ୍ଷା ପ୍ରଣାଳୀର ନୀତି, ବର୍ତ୍ତମାନ ସମସ୍ୟା ଓ ଭବିଷ୍ୟତ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ମହିଳା କଲେଜ, ବାରିପଦାର ଶିକ୍ଷା ବିଭାଗ ମୁଖ୍ୟ ଓ ସହାୟକ ଅଧ୍ୟାପକ ଡ. ଧନେଶ୍ୱର ବେହେରା ଯୋଗଦେଇଥିଲେ। ସେ ନୂତନ ଶିକ୍ଷା ନୀତି, ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ବିଷୟରେ ମତ ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ସେମିନାରର ସମନ୍ୱୟକାରୀ ତଥା ବିଭାଗ ମୁଖ୍ୟ ଡ. ସସ୍ମିତା ମହାନ୍ତି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିଲେ। ବିଭାଗର ଛାତ୍ରଛାତ୍ରୀ ବିଭିନ୍ନ ଦିଗରେ ତାଙ୍କର ପ୍ରସ୍ତୁତି ଓ ମତାମତ ରଖିଥିଲେ। ଅଧ୍ୟାପିକା ଦୀପିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## କେଜିବିଭିର ବାର୍ଷିକ ଉତ୍ସବ



**ଠାକୁରମୁଣ୍ଡା, ୨୯।୩(ସମିସ):** କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅନନ୍ୟା-୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ବ୍ଲକ ସାମ୍ବାଦିକ ଶରତ ତ୍ରିପାଠୀ, ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଧଳ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ୍, ସିଆରସିସି ଅଲେଖ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଟୁଡୁ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଅତୃପ୍ତା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆର୍ଯ୍ୟବାଳା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ବାରିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ ଧଳ, ପୂର୍ବତନ ବିଇଓ ଭାଗୀରଥି ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସଦାନନ୍ଦ ମହାନ୍ତ, ପୂର୍ବତନ ଏବିଇଓ କାୟୁମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଅତୃପ୍ତା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରକାଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାର ରେଡ୍ ଗ୍ରୀନ୍ ଫାଉଣ୍ଡେସନ ରାଜ୍ୟ ସ୍ତରରେ ସମ୍ମାନିତ

**ବାରିପଦା, ୨୯।୩(ସମିସ):** କଟକସ୍ଥ ଜୟ ଜଗନ୍ନାଥ ବ୍ଲଡ୍ ଡୋନେସନ ଗ୍ରୁପର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ବାରିପଦାର ଅନ୍ୟତମ ସେବା ସଂସ୍ଥା ରେଡ୍ ଗ୍ରୀନ ଫାଉଣ୍ଡେସନକୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ସଂସ୍ଥା ପକ୍ଷରୁ ପରିଚାଳନା ଅଧ୍ୟକ୍ଷ ଅରବିନ୍ଦ ମୁଖି ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସଂସ୍ଥାର ସଦସ୍ୟ ବର୍ଷ ତମାମ ରକ୍ତଦାନ କରିବା ସହ ରକ୍ତଦାନ ଶିବିର ଆୟୋଜନ କରି ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି ବୋଲି ବାରିପଦା ରକ୍ତଭଣ୍ଡାର ଅଧିକାରୀ ଡା ସୌମ୍ୟ ରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ତତସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ତଥା ଗରିବ, ଦୁଃଖୀଙ୍କୁ ଖାଦ୍ୟ ଯୋଗାଇଦେବା କାର୍ଯ୍ୟକ୍ରମ ବେଶ ଉଲ୍ଲେଖନୀୟ। ଏହି ସମ୍ମାନ ପାଇବା ପରେ ସଦସ୍ୟଗଣ ବେଶ ଆନନ୍ଦିତ ଅଛନ୍ତି। ଭବିଷ୍ୟତରେ ସେମାନେ ଅଧିକ ଉତ୍ସାହର ସହ କାର୍ଯ୍ୟ କରିପାରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି। ସମାଜସେବୀ ଡଃ ନିରୋଜ କୁମାର ପୋଥାଲ, ସୋମନାଥ ସିଂହ, ଡଃ ଅକ୍ଷୟ କୁମାର ମହାନ୍ତି, ଭରତ ଚନ୍ଦ୍ର ପାତ୍ର, ଦିଲ୍ଲୀପ କୁମାର ତୁଙ୍ଗଙ୍କ ସମେତ ବହୁ ସେବା ଅନୁଷ୍ଠାନ ରେଡ ଗ୍ରୀନ ଫାଉଣ୍ଡେସନକୁ ଅଭିନନ୍ଦନ ଜଣାଇଛନ୍ତି।



# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ଆଲୋଚନାଚକ୍ର

ବାରିପଦା, ୨୯।୩(ସମିସ)

ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। 'ଜାତୀୟ ଶିକ୍ଷା ନୀତି-୨୦୨୦ ଅଧୀନରେ ଶିକ୍ଷକ ଶିକ୍ଷାରେ ଆଇଟିଇପି ଏକ କୌଶଳଗତ ପୁନର୍ଗଠନ' ଶୀର୍ଷକ ଆଲୋଚନାଚକ୍ରର ଉଦଘାଟନୀ ସଭା ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଆବାହକ ଡ. ସରୋଜ ନାୟକ ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. ବିଦ୍ୟୁତପ୍ରଭା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ଆବାହକ ଡ. ସଦାନନ୍ଦ ମେହେର ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ କଲହାନ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ. ସୁଚିତ୍ରା ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାଲେଶ୍ୱରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ ସଞ୍ଜୟ କୁମାର ଦେ, ସମ୍ମାନିତ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାରିପଦାର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ କୁମାର ଚୌଧୁରୀ ଯୋଗଦେଇ ସାର ଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ଦିଲ୍ଲୀପ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ବୈଷୟିକ ଅଧିବେଶନରେ ରିସର୍ସ ପର୍ସନ ଭାବେ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଳାସପୁର ଛତିଶଗଡ଼ ଶିକ୍ଷକ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ ସମ୍ବିତ ପତି ଯୋଗଦେଇ ନିଜ ନିବନ୍ଧ ଉପସ୍ଥାପନ କରିଥିବାବେଳେ ସାରା ଦେଶର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଆଇଆଇଟି ଛାତ୍ରଛାତ୍ରୀ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଇଟିଇପି ପ୍ରଥମ ବର୍ଷ ଛାତ୍ରୀ ପ୍ରିୟଙ୍କା ବେଜ, ଅଂଶୁମାନ ମହାନ୍ତ ଓ ତାଙ୍କ ଟିମ ନେତୃତ୍ୱ ନେଇଥିବାବେଳେ ସହକାରୀ ପ୍ରଫେସର ଡ ନିରୁପମା ନାୟକ, ଉମେଶ ଚନ୍ଦ୍ର ମାଝୀ, ଡ ଭାଦବ ହେମ୍ବ୍ରମ, ରାଜେନ୍ଦ୍ର ବେହେରା, ଡକ୍ଟର ଧନଞ୍ଜୟ ସିଂ, ସୁଶାନ୍ତ ରଣା, ସବିତାଶୋଭା ପ୍ରଧାନ, ସଙ୍ଗୀତା ପାତ୍ର, ବୈଜୟନ୍ତୀ ଧରା, ପ୍ରଦୀପ ମଲ୍ଲିକ, ଅଧ୍ୟାପକ ଶକ୍ତିଜିତ ନାୟକ, ସତ୍ୟଜିତ ପାଣିଗ୍ରାହୀ, ନମିତା ସୋରେନ, ସନ୍ଧ୍ୟାରାଣୀ ଧୁପାଳ ପ୍ରମୁଖ ସହଯୋଗ କରିଥିଲେ।



